**ସଡ଼କ ଦୁର୍ଘଟଣାରେ ଯୁବତୀ ମୃତ**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା କେନ୍ଦେଇପଶି ପାଟଣା ରାସ୍ତାର ଟାଙ୍ଗରପଡ଼ା ସନ୍ନିକଟ ବାଦୁଡ଼ି ଘେରା ବ୍ୟାଙ୍କ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ହେଉଛନ୍ତି ସାହାରପଡ଼ା ବ୍ଲକ୍ କପୁଣ୍ଡିସେଠୀ ସାହିର ଅନୁପମା ସେଠୀ(୨୨)। ଅନୁପମା ବାଦୁଡ଼ି ଘେରା ନିକଟରେ ରାସ୍ତାକଡ଼ରେ ସ୍କୁଟି ଛିଡ଼ା କରି କଥା ହେଉଥିବା ବେଳେ ପାଟଣା ପାର୍ଶ୍ୱରୁ ଯାଉଥିବା ଏକ ଗାଡ଼ି ତାଙ୍କ ଉପରେ ଚଢ଼ି ଚାଲିଯାଇଥିଲା। ଘଟଣାସ୍ଥଳରେ ପାଟଣା ଥାନା ଏସ୍ଆଇ ମନୋରମା ସ୍ୱାଇଁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ବସ୍‌କୁ ପଛପଟୁ ଧକ୍କା ଦେଲା ଲୁହା ବୋଝେଇ ଟ୍ରକ୍, ୫ ଯାତ୍ରୀ ଗୁରୁତର

ବାହାନଗା, ୩୦।୧୧(ଅରୂପ୍ କୁମାର ଦାସ)–ଗୁରୁବାର ସକାଳେ ୧୬ ନମ୍ବର ଜାତୀୟ ରାଜପଥ ବାହାନଗାଠାରେ ଏକ ବସ୍‌କୁ ପଛପଟୁ ଧକ୍କା ଦେଇଛି ଏକ ଲୁହା ବୋଝେଇ ଟ୍ରକ୍। ଫଳରେ ବସ୍ ପଛ ସିଟ୍‌ରେ ବସିଥିବା ୫ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ମେଡିକାଲରେ ଭର୍ତ୍ତି କରାଯାଇଛି। ସୋର ଥାନା ପୋଲିସ ପହଞ୍ଚି ଧକ୍କା ଦେଇଥିବା ଟ୍ରକକୁ ଜବତ କରିଛି। ବାଲେଶ୍ୱରରୁ ଭୁବନେଶ୍ୱର ଯାଉଥିବା ଏହି ବସ୍ ବାହାନଗା ବ୍ଲକ ନିକଟସ୍ଥ ନୂତନ ବ୍ରିଜ୍‌ଠାରେ ଥିବା ଏକ ହମ୍ପସ୍‌ରେ ବ୍ରେକ୍ ମାରିବାରୁ ପଛପଟୁ ଯାଉଥିବା ଲୁହା ବୋଝେଇ ଟ୍ରକ ଧକ୍କା ଦେଇଥିଲା।

### ସାଂସ୍କୃତିକ ପ୍ରତିଯୋଗିତା

ଧାମନଗର,୩୦।୧୧(ଦେବେନ୍ଦ୍ର ଆଦିଆ)– ଧାମନଗର ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ହୋଇଥିବା 'ସମନ୍ୱିତ ଯୁବ ବିକାଶ (ଆଇୱାଇଡିପି) କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ବନମାଳୀ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଧାମନଗର ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ମୁଖ୍ୟବକ୍ତା ଜିଲା ପରିଷଦ ଉପାଧକ୍ଷା ଚୁନିବାଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ ସଂଯୋଜକ ଅଧ୍ୟାପକ ଆଶିଷ କୁମାର ସ୍ୱାଇଁ ସ୍ୱାଗତ ସମ୍ଭାଷଣ, ନୋଡ଼ାଲ ଅଫିସର୍ ମହମ୍ମଦ ଇସ୍ରାଇଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଧ୍ୟାପିକା ସ୍ମରଣିକା ପ୍ରଧାନ ମଞ୍ଚ ପରିଚାଳନା ଓ ଆଧ୍ୟାପିକା ସାଜିଆ ତମକୀନ ଧନ୍ୟବାଦ ଦେଇଥିଲେ।

### ଭଦ୍ରକ ଜିଲାକୁ ୨୦ କୋଟି ୩୨ଲକ୍ଷ ଅନୁଦାନ

ଭଦ୍ରକ,୩୦।୧୧(ସନାତନ ରାଉତ)– ଭଦ୍ରକ ଜିଲାର ସ୍ୱାସ୍ଥ୍ୟସେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦ କୋଟି ୩୨ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଗୁରୁବାର ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ଯୋଡ଼ି ହୋଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ୍, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆଗରପଡ଼ାରେ ନୂଆ ସିଏଚ୍‌ସି ନିର୍ମାଣ ପାଇଁ ୧୦ କୋଟି ୬୮ଲକ୍ଷ, ଚାନ୍ଦବାଲିସିଏଚ୍‌ସର ୪ର୍ଥ ଓ ୫ମ ମହଲା ନିର୍ମାଣ ପାଇଁ ୪ କୋଟି ୭୭ ଲକ୍ଷ ଭଣ୍ଡାରିପୋଖରୀ ସିଏଚ୍‌ସିର ୪ର୍ଥ ଓ ୫ମ ମହଲା ପାଇଁ ୪ କୋଟି ୮୭ ଲକ୍ଷ ଟଙ୍କାର ଅନୁମୋଦନ କରାଯାଇଛି। ଆଗରପଡ଼ା ସିଏଚ୍‌ସିର ନିର୍ମାଣ କାର୍ଯ୍ୟ ଓଡ଼ିଶା ପୋଲିସ୍ ହାଉସିଂକର୍ପୋରେସନ୍‌ଦ୍ୱାରାକରାଯାଇଛି।

# 'ସାଧାରଣ ଲୋକଙ୍କୁ ସିଧାସଳଖ ନ୍ୟାୟ ପ୍ରକ୍ରିୟାରେ ଯୋଡ଼ିହେବ'

## ଷଷ୍ଠ ପର୍ଯ୍ୟାୟ ପେପରଲେସ କୋର୍ଟ ଉଦ୍‌ଘାଟିତ

ବାଲେଶ୍ୱର, ୩୦।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ଜଜ କୋର୍ଟଙ୍କ ପରିସରରେ ଗୁରୁବାର ଷଷ୍ଠ ପର୍ଯ୍ୟାୟ ପେପରଲେସ କୋର୍ଟ ଭର୍ଚୁଆଲ ମୋଡରେ ଉଦ୍‌ଘାଟିତ ହୋଇଛି। ଏଥିରେ ବାଲେଶ୍ୱରରେ ସିନିଅର ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟ ପରିବାର ଅଦାଲତ, ପ୍ରଥମ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟ୍ରେଟ (ସିଟି) ଓ ପ୍ରଥମ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟ୍ରେଟ (ରୁରାଲ)ଙ୍କ କୋର୍ଟଗୁଡ଼ିକୁ ସାମିଲ କରାଯାଇଛି। ହାଇକୋର୍ଟ ବିଚାରପତି ତଥା ବାଲେଶ୍ୱର ବିଚାରବିଭାଗର ଆଡମିଷ୍ଟ୍ରେଟିଭ୍ ବିଚାରପତି ଜଷ୍ଟିସ ବିଭୁପ୍ରସାଦ ରାଉତରାୟଙ୍କ ସମେତ ଅନ୍ୟାନ୍ୟ ବିଚାରପତିମାନେ ଉପସ୍ଥିତ ଥିଲେ।

ହାଇକୋର୍ଟର ଅସ୍ଥାୟୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏହି କୋର୍ଟକୁ ଉଦ୍‌ଘାଟନ କରି ସାଧାରଣଲୋକଙ୍କୁ ସିଧାସଳଖ ନ୍ୟାୟ ପ୍ରକ୍ରିୟା ସହ ଯୋଡ଼ିବା ଏଭଳି କୋର୍ଟ ସ୍ଥାପନର ମୁଖ୍ୟ ଉଦ୍ଦେଶ୍ୟ। ବିଶେଷ କରି ଇ–କେସ ଫାଇଲିଂ ଓ ଭିଡ଼ିଓ କନଫେରେନସିଂ ମାଧ୍ୟମରେ ଲୋକେ ଅଦାଲତକୁ ନ ଆସି ମଧ୍ୟ ନିଜର ମାମଲାରେ ଡିଜିଟାଲ ମାଧ୍ୟମରେ ଉପସ୍ଥାନ ଜାହିର ସହିତ ସମସ୍ତ ପ୍ରକାର କାଗଜପତ୍ର ଦାଖଲ କରିପାରିବେ ବୋଲି ସୂଚନା ଦେଇଥିଲେ। କୋର୍ଟ ଉଦଘାଟନ ସମୟରେ ଜିଲା ଦୌରାଜଜ ଅଶାନ୍ତ କୁମାର ଦାସଙ୍କ ସହ ଭିଜିଲାନ୍ସ ଜଜ୍ ଶିଖାରାଣୀ ରଥ, ଅତିରିକ୍ତ ଜିଲା ଜଜ୍–୨ ଅବଦୁଲ ସମିମ୍ ଅଖତର, ଅତିରିକ୍ତ ଜିଲା ଜଜ୍ ତଥା ସ୍ପେଶାଲ ପୋକ୍‌ସୋ ଜଜ୍ ରଞ୍ଜନ କୁମାର ସୂତାର, ଆଡହକ ଅତିରିକ୍ତ ଜିଲା ଫାଷ୍ଟଟ୍ରାକ୍ ଜଜ୍ ମିହିର ରଞ୍ଜନ ପରିଡ଼ା, ଅତିରିକ୍ତ ଜିଲା ଜଜ୍ ତଥା ସ୍ପେଶାଲ ଏସସି ଓ ଏସଟି ଜଜ୍ ଲିଲିପ୍ସା ପଶାୟତ, ଅତିରିକ୍ତ ଜିଲା ଜଜ୍–୩ ବିବସ୍ୱତ ଗୌତମ, ଓପିଆଇଡ଼ି ଜଜ୍ ବିଶ୍ୱଜିତ ଦାଶ, ଅତିରିକ୍ତ ଦୌରାଜଜ୍ ତଥା ସ୍ପେଶାଲ ଟ୍ରାକ୍ କୋର୍ଟ ଜଜ୍ ରଞ୍ଜନ କୁମାର ପ୍ରଧାନ, ଅତିରିକ୍ତ ଦୌରାଜଜ୍ ସୁଶୀଲ କୁମାର ସାହୁ, ସିନିଅର ସିଭିଲ ଜଜ୍ କୃଷ୍ଣ କୁମାର ନାୟକ, ସିନିଅର ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ ପୂଜା ଦେ, ପ୍ରଥମ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟ୍ରେଟ ମୋନିକା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ପେପରଲେସ କୋର୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ



## ଆଗରପଡ଼ା କଲେଜ

ଆଗରପଡ଼ା,୩୦।୧୧(ସୁଶାନ୍ତ କୁମାର ଦାଶ)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ଆଗରପଡ଼ା କଲେଜରେ ବୁଧବାର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ କୁମାର ସାମଲ ଯୋଗଦେଇ ଛାତ୍ରୀଛାତ୍ରମାନେ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ କିପରି ପାରଦର୍ଶିତା ହାସଲ କରି ସମାଜର ଉନ୍ନତି କରିପାରିବେ ତାହା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଯେନା, ବନ୍ତ ବ୍ଲକ୍ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଜିଲା ପରିଷଦ ସଭ୍ୟା ରୁନିତା ଦାସ, କଲେଜ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ଦାଶ, ଯୁବନେତା ସତ୍ୟସାଧନ ବେଜ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ବିଟିପୁର ସରପଞ୍ଚ ସୁଭଦ୍ରା ସିଂହ, ମହାନ୍ତିପଡ଼ା ସମିତି ସଭ୍ୟ ନିର୍ମଳ ନାୟକ, ସାହିତ୍ୟିକ ଜଇନୁଲ ଆବେଦିନ୍, ସାମାଜିକକର୍ମୀ ରାମଚନ୍ଦ୍ର ନାୟକ, ଶ୍ରୀନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ସହାୟକ ବିଜୟ ଦାସ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଅଧକ୍ଷ ନାରାୟଣ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡେମନଷ୍ଟ୍ରେଟର ମହେଶ୍ୱର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପିଏଲ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଧାୟକ ବ୍ୟାଡ୍‌ମିଣ୍ଟନ ପିଚ୍‌କୁ ଉଦ୍‌ଘାଟନ କରିବା ସହ ନିଜେ ଖେଳିଥିଲେ। ଅଧ୍ୟାପିକା ପ୍ରେମଲତା ଦାଶ, ଅଧ୍ୟାପକ ପ୍ରଶାନ୍ତ ନାୟକ, ଡ଼. ହରିହର ଦାସ, ରାଜେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

# ପେସା ଗ୍ରାମସଭା କମିଟିର ବିକ୍ଷୋଭ



ଆଦିବାସୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ଆଦିବାସୀ ବିଲ୍ ପ୍ରତ୍ୟାହାର ଦାବି

ବାରିପଦା,୩୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପେସା ଗ୍ରାମସଭା କୋ–ଅର୍ଡିନେସନ କମିଟି ପକ୍ଷରୁ ଆଦିବାସୀ ବିଲ୍ ପ୍ରତ୍ୟାହାର ଦାବିରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି ପାଣ୍ଡୁରାମ ହେମ୍ବ୍ରମଙ୍କ ନେତୃତ୍ୱରେ ହଜାର ହଜାର ଆଦିବାସୀ ମହିଳାପୁରୁଷ ବଜାର ପରିକ୍ରମା କରି ଦାବି ଉପସ୍ଥାପନ କରିଥିଲେ। ଏ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି।

ଆଦିବାସୀମାନଙ୍କ ସ୍ୱତନ୍ତ୍ର ପରିଚୟ, ପରମ୍ପରା, ସଂସ୍କୃତି, ସାମାଜିକ ବ୍ୟବସ୍ଥା ଓ ପାରମ୍ପରିକ ପରିଚାଳନା ବ୍ୟବସ୍ଥା ରହିଛି। ତେବେ କ୍ୟାବିନେଟରେ ଆଗତ ପ୍ରସ୍ତାବ ବିଲ୍‌କୁ ନେଇ ଲୋକେ ବିରୋଧ କରିଛନ୍ତି। ଆଦିବାସୀମାନଙ୍କ ଜମିକୁ ଶାଗମାଛ ଦରରେ ବିକ୍ରି କରିବାର ହୀନ ଯୋଜନାକୁ କଡ଼ା ସମାଲୋଚନା କରିଛନ୍ତି। ଆଦିବାସୀମାନଙ୍କ ଜଳ,ଜଙ୍ଗଲ ଓ ଜମି ଲୁଟ ଉଦ୍ୟମକୁ ସଫଳ କରିବାକୁ ଦିଆଯିବ ନାହିଁ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଏଭଳି ବିଲ୍‌କୁ ପାରିତ କଲେ ଆଗାମୀ ନିର୍ବାଚନରେ ଆଦିବାସୀ କିମ୍ବା ସାଧାରଣ ନେତାମାନଙ୍କୁ ଗାଁରେ ପ୍ରବେଶ କରିବାକୁ ଦିଆଯିବ ନାହିଁ। ଏହା ସହିତ ଆଦିବାସୀ ମାରଣ ନୀତି ବିରୋଧୀଙ୍କୁ ଉଚିତ ଜବାବ ଦେବୁ ବୋଲି କହିଛନ୍ତି। ହଜାର ହଜାର ମହିଳା ପୁରୁଷ ପାରମ୍ପରିକ ବେଶଭୂଷାରେ ଅସ୍ତ୍ରଶସ୍ତ୍ର ଧରି ବାରିପଦା ପାଲବଣୀଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାନାରାମ ମୁର୍ମୁ, ବସନ୍ତ କୁମାର ସନ୍ଦିଲ, ଦୁଲାରାମ ମୁର୍ମୁ, ମଧୁ ମୁର୍ମୁ, ମାନସିଂ ମୁର୍ମୁଙ୍କ ସମେତ ୨୬ଟି ବ୍ଲକର ଆଦିବାସୀମାନେ ଏଥିରେ ସାମିଲ ହୋଇଥିଲେ।

## ପାନ୍ ଭେରିଫିକେଶନ ନାଁରେ ସାଇବର ଠକେଇ

ଘଟଗାଁ,୩୦।୧୧
(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ବଜାରରେ ମୋବାଇଲ ଦୋକାନ କରିଥିବା ଜଣେ ଯୁବକ ସାଇବର ଠକେଇର ଶିକାର ହୋଇଛନ୍ତି। ଠକ ବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ ପାନ୍ ଭେରିଫିକେଶନ ନାଁରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚଳୁ କରିନେଇଛନ୍ତି। ଏ ନେଇ ଦୋକାନୀ ନଭେମ୍ବର ୧୬ରେ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି। ସୂଚନା ମୁତାବକ, ଘଟଗାଁ ବଜାରରେ ଥିବା ଶ୍ରୀରାମ ମାର୍କେଟ କମ୍ପ୍ଲେକ୍ସ ଉପର ମହଲାରେ କ୍ଷମାକର ନାଏକ ଏକ ମୋବାଇଲ ଦୋକାନ କରିଛନ୍ତି। ଗତ ୧୫ ତାରିଖରେ ଦୋକାନକୁ ୨ଜଣ ମହିଳା ମୋବାଇଲ ମରାମତି କରିବା ପାଇଁ ଆସି ଫେରିଯିବାର କିଛି ସମୟ ପରେ ତାଙ୍କ ମୋବାଇଲକୁ କଲ୍ ଆସିଥିଲା। ଫୋନ୍ ଉଠାଇବାରୁ ନିଜକୁ ବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ ସାଇବର ଠକ୍ ପାନ୍ କାର୍ଡ ଭେରିଫିକେଶନ ପାଇଁ ପଠାଇବାକୁ କହିଥିଲେ। ପାନ୍ କାର୍ଡ ଫଟୋ ହ୍ୱାଟ୍ସଆପ୍‌ରେ ପଠାଇବା ପରେ ଏକ ଓଟିପି ଆସିଥିଲା। ଏହାକୁ ଶେୟାର କରିବା ମାତ୍ରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୨ ହଜାର ୯ ଶହ ଟଙ୍କା ତତ୍‌କ୍ଷଣାତ କଟିଯାଇଥିଲା। ଏହାର ମେସେଜ ତାଙ୍କ ପାଖକୁ ଆସିଥିଲା। ପରେ ପିନ୍ କାର୍ଡ ଚେଞ୍ଜ ପ୍ରୋସେସିଂ ହେଉଥିବା ମେସେଜ ଆସିଥିଲା। ପରେ କେନ୍ଦୁଝର ବ୍ୟାଙ୍କ ମ୍ୟାନେଜରଙ୍କୁ ଫୋନ କରିବାରୁ କେନ୍ଦୁଝର ଆସି ସାଇବର ଥାନାରେ ଜଣାଇବାକୁ କହିଥିଲେ। ଯୁବକ ପ୍ରଥମେ ଘଟଗାଁ ଥାନା ଓ ପରେ କେନ୍ଦୁଝର ସାଇବର ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ବାଲିପୋଖରୀ ପଞ୍ଚାୟତର ଛୋଟରାୟପୁର ଗ୍ରାମର ଜଣେ ଦୋକାନୀଙ୍କୁ ଋଣ କରାଇଦେବାକୁ କହି ସାଇବର ଠକ୍ ଲକ୍ଷାଧିକ ଟଙ୍କା ଲୁଟିନେଇଥିଲେ।

# ମୃତ ଚାଷୀଙ୍କ ପରିବାରକୁ ବୀମା ରାଶି ପ୍ରଦାନ



ମୃତ ମହିଳା ଚାଷୀଙ୍କ ସ୍ୱାମୀ ସୁଦର୍ଶନଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ତିହିଡ଼ି,୩୦।୧୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଯାମଯୋଡ଼ି ପଞ୍ଚାୟତ ଅଧୀନ ନୂଆସାହି ଗ୍ରାମର ମୃତ ମହିଳା ଚାଷୀ ଗୌରୀ ପରିଡ଼ା ଏବଂ ଦରପୁର ଗ୍ରାମର ମୃତ ଚାଷୀ ପ୍ରମୋଦ ନାଥଙ୍କ ପରିବାର ଲୋକଙ୍କୁ ବୁଧବାର ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଛି। ଅମୃତପୁର ଓ ଯାମଯୋଡ଼ି ସେବା ସମିତି ପରିସରରେ ବାଲେଶ୍ୱର–ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ବୋର୍ଡ ନିର୍ଦ୍ଦେଶକ ପ୍ରକାଶଜ୍ୟୋତି ମହାକୁଡ଼ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚେକ ପ୍ରଦାନ କରିଥିଲେ। ଏହି ଅବସରରେ ଉଭୟ ସମିତି ପରିସରରେ ସଭା ଅନୁଷ୍ଠିତ ହୋଇଥିଲା। ସମବାୟ ବ୍ୟାଙ୍କ ଚାଷୀମାନଙ୍କ ସହ ରହି ସେମାନଙ୍କ ଅଭାବ ଅସୁବିଧା ପୂରଣ କରି ଆସିଥିବାରୁ ଚାଷୀମାନେ ବୀମାଭୁକ୍ତ ହେବାକୁ ବୋର୍ଡ ନିର୍ଦ୍ଦେଶକ ମହାକୁଡ଼ କହିଥିଲେ। ଅନ୍ୟତମ ଅତିଥିଭାବେ ସମବାୟ ବ୍ୟାଙ୍କ ତିହିଡ଼ି ଶାଖା ପରିଚାଳକ ସୁଶାନ୍ତ ପୁହାଣ, ପାଳିଆବିନ୍ଧା ସମବାୟ ସମିତି ସମ୍ପାଦକ ସଞ୍ଜୟ ଦାସ, ନରେନ୍ଦ୍ରପୁର ସମିତି ସଭାପତି ମାୟାଧର ବେହେରା, ଯାମଯୋଡ଼ି ସମିତି ସମ୍ପାଦକ ରାଜେନ୍ଦ୍ର ବେହେରା, ଉପସଭାପତି ଜୟନ୍ତୀ ଦାସ, ପୂର୍ବତନ ସମ୍ପାଦକ ବାବାଜୀ ଚରଣ ଭୂୟାଁ ଯୋଗଦେଇଥିଲେ। ଅମୃତପୁର ସମିତିର ସଭାପତି ଅଜୟ ରାଉତ ଏବଂ ଯାମଯୋଡ଼ି ସମିତି ସଭାପତି ଅର୍ଜ୍ଜୁନ ନାୟକଙ୍କ ପୌରୋହିତ୍ୟରେ ସଭାକୁ ଅମୃତପୁର ସମିତି ସମ୍ପାଦକ ଗୋପୀନାଥ ଭୂୟାଁ ସଞ୍ଚାଳନ କରିଥିଲେ। ଉଭୟ ସମିତିର ବୋର୍ଡ ସଦସ୍ୟମାନେ ସଭାରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ଜୁନ୍ ୨୮ ତାରିଖରେ ସାପକାମୁଡ଼ାରେ ଗୌରୀଙ୍କର ଏବଂ ଜାନୁୟାରୀ ୨୪ ତାରିଖରେ ପ୍ରମୋଦଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା।

# ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥକୁ ସ୍ୱାଗତ

ଢେଙ୍କିକୋଟ,୩୦।୧୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପଞ୍ଚାୟତ କାର୍ଯ୍ୟାଳୟଠାରେ ବୁଧବାର ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥକୁ ସ୍ୱାଗତ କରାଯାଇଛି। ରଥକୁ ସ୍ୱାଗତ ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଖଇର ନାଏକଙ୍କ ସଭାପତିତ୍ୱରେ ଅତିଥିଭାବେ ଢେଙ୍କିକୋଟ ଫରେଷ୍ଟର ଚିତ୍ତରଞ୍ଜନ ପରିଡ଼ା, କୃଷି ବିଭାଗ ଅଧିକାରୀ, ଢେଙ୍କିକୋଟ ସ୍ୱାସ୍ଥ୍ୟ ପରିଦର୍ଶକ ଅରୂପାନନ୍ଦ ସେଠୀ, ଛାତ୍ରୀଛାତ୍ର, ଉଜ୍ଜ୍ୱଳା ଗ୍ୟାସ ବିଭାଗର କର୍ମଚାରୀ ଏବଂ ଫର୍ଟିଲାଇଜର ଓ କେମିକାଲ ଟ୍ରାଭେନକର ଡ୍ରୋନ ଆସିଷ୍ଟାଣ୍ଟ ରଶ୍ମିରେଖା ସାହୁ ଯୋଗଦେଇ ଚାଷୀଙ୍କୁ ଚାଷ ଓ ଡ୍ରୋନ୍ ବ୍ୟବହାର ସମ୍ବନ୍ଧରେ ବୁଝାଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ରାଉତ ଅତିଥି ପରିଚୟ ଓ ବିକଶିତ ଭାରତ ସଂକଳ୍ପ ରଥ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ବିଦ୍ୟାଳୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଛି। ପଞ୍ଚାୟତ ଗ୍ରାମ ରୋଜଗାର ସେବକ ପ୍ରକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଅଧିକାରୀମାନେ ଡ୍ରୋନ୍ ବ୍ୟବହାର ଓ କୃଷୀ ସମ୍ପର୍କରେ ବୁଝାଉଛନ୍ତି।

# ୪୭ ନୂତନ କୃଷି ଯନ୍ତ୍ରପାତି ଷ୍ଟଲ୍ ପ୍ରଦର୍ଶିତ

ଚମ୍ପୁଆ,୩୦।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ପରିସରରେ କୃଷି ଜିଲା ଚମ୍ପୁଆ ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଯାଇଛି। ମେଳାରେ ଚମ୍ପୁଆ, ଯୋଡ଼ା ଓ ଝୁମ୍ପୁରା ବ୍ଲକ୍‌ର ବହୁ ଚାଷୀ ଯୋଗ ଦେଇଥିବା ବେଳେ ଆଧୁନିକ ପ୍ରଣାଳୀରେ ଚାଷ ପାଇଁ ନୂତନ କୃଷି ଯନ୍ତ୍ରପାତିର ୪୭ ଗୋଟି ଷ୍ଟଲ୍ ଖୋଲାଯାଇଥିଲା। ଉତ୍ସବରେ ଅତିଥିଭାବେ ପିଡି ୱାଟରସେଡ୍ ସୁଶାନ୍ତ କୁମାର ମଲ୍ଲିକ, ଏଡିଓ ଗୋକୁଳ ଚରଣ ପ୍ରଧାନ, ଏଡିଆର କିଶୋର ଚନ୍ଦ୍ର ସାହୁ, ଏଇଇ ବଳରାମ ଶର୍ମା ପ୍ରମୁଖ ଯୋଗଦେଇ ନୂତନ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଚାଷୀ କିପରି ଅଧିକ ଅମଳ କରିବା ସହିତ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବ ସେ ନେଇ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମେଳାରେ ସର୍ବଶ୍ରେଷ୍ଠ ଷ୍ଟଲ ଭାବେ ଅର୍ଚ୍ଚିତା ଏଣ୍ଟରପ୍ରାଇଜେସ, ଉତ୍କଳ ସେଲ୍ସ, ପୁଷ୍ପକ ଆଗ୍ରୋ ଆଦି ୩ ଷ୍ଟଲ୍‌କୁ ପୁରସ୍କୃତ କରାଯାଇଥିଲା। ଯୋଡ଼ା, ଚମ୍ପୁଆ, ଝୁମ୍ପୁରା ବ୍ଲକ୍‌ର ୫ ସଫଳ ଚାଷୀଙ୍କୁ ସମ୍ମାନିତ କରାଯିବା ସହ ମାଣ୍ଡିଆ ଚାଷରେ ୩ ଜଣ ସଫଳ ଚାଷୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରାୟ ୫୦୦ ଚାଷୀ ଯୋଗଦେଇଥିଲେ। ଚମ୍ପୁଆ କୃଷି ଜିଲା ଅଧିକାରୀ ସତ୍ୟବାନ ସୋରେନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସହକାରୀ କୃଷି ଅଧିକାରୀ ହରିଓମ ପାଣିଗ୍ରାହୀ, ରତିକାନ୍ତ ମାହାଲି, ରୁଦ୍ରନାରାୟଣ ନାଏକ, ରମାମଣୀ ସାହୁ, ପ୍ରିୟଙ୍କା ପ୍ରିୟଦର୍ଶନୀ ମିଶ୍ର, ଦେବବ୍ରତ ମିଶ୍ର ଓ ବ୍ଲକ୍ କୃଷି ଅଧିକାରୀ ନୀଳମାଧବ ଦାଶ ସମେତ ସମସ୍ତ କୃଷି କର୍ମଚାରୀ ପରିଚାଳନା କରିଥିଲେ।



ଚାଷୀ କୃଷି ଯନ୍ତ୍ରପାତି ଷ୍ଟଲ୍ ବୁଲି ଦେଖୁଛନ୍ତି।

## ଜଳିଗଲା ଘର, ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି

ବସ୍ତା, ୩୦।୧୧(ହରିଶଙ୍କର ପାଢୀ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ଆମ୍ବକୁଟ୍ଟି ଗ୍ରାମରେ ଗତ ବୁଧବାର ବିଳମ୍ବିତ ରାତିରେ ହରିଶ୍ଚନ୍ଦ୍ର ସେନାପତିଙ୍କ ଘରେ ହଠାତ୍ ନିଆଁ ଲାଗିଯିବାରୁ ତାଙ୍କ ଘର ପୋଡିଯାଇଛି। ଅଗ୍ନିକାଣ୍ଡରେ ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ହରିଶ୍ଚନ୍ଦ୍ର ସେନାପତିଙ୍କ ପରିବାର ଲୋକେ ଘର ନ ଥିବାବେଳେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁ ଲାଗିଥିବା ଦେଖିପାରି ହରିଶ୍ଚନ୍ଦ୍ରଙ୍କୁ ଖବର ଦେବା ସହ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ନିଆଁର ପ୍ରକୋପ ଅଧିକ ଥିବାରୁ ଆୟତ୍ତ ନ କରି ପାରି ବସ୍ତା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବସ୍ତା ଅଗ୍ନିଶମ ବିଭାଗ କେନ୍ଦ୍ରାଧିକାରୀ ପ୍ରତାପ ଚନ୍ଦ୍ର ପାଳ ପହଞ୍ଚିବା ବେଳକୁ ନଡ଼ା ଛପର ନିର୍ମିତ ଘରର ଗୋଟିଏ ବଖରା ପୋଡ଼ିଯିବା ସହ ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଥିଲା। ଗୁରୁବାର ରଘୁନାଥପୁର ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରିଛନ୍ତି। ଉକ୍ତ ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ



ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ମା' ଓ ପୁଅ ଗୁହାରି କରୁଛନ୍ତି।

ନୀଳଗିରି, ୩୦।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନରେ କୁଲଡ଼ିହା ଇକୋ ସେନସିଟିଭ ଜୋନ୍‌ର ଭିତରେ ଗଢ଼ି ଉଠିଥିବା ଏକାଧିକ ବେଆଇନ ଇଟାଭାଟିକୁ କେନ୍ଦ୍ର କରି ବିବାଦ ଉଗ୍ରରୂପ ଧାରଣ କରିଛି। କିଛି ଦିନ ପୂର୍ବରୁ ନୀଳଗିରି ତହସିଲ ଅଧୀନ କୁଲଡ଼ିହା ଇକୋ ସେନସିଟିଭ ଜୋନ୍ ଭିତରେ ଥିବା ୧୫ ଇଟାଭାଟିକୁ ରାଜସ୍ୱ ବିଭାଗ ଜରିମାନା କରିଥିଲେ। ଜରିମାନା ଦେଇ ନ ଥିବା ନିର୍ଦ୍ଦିଷ୍ଟ ଭାବେ ମାମା ଇଟାଭାଟିଙ୍କୁ ବେଆଇନ ଦର୍ଶାଇ ଗତ ୨୦୧୫ରେ ଭାଙ୍ଗି ଦେଇଥିଲେ। ଏ ନେଇ ସନ୍ତରାଗଡ଼ିଆ ନିକଟ ନୟାପାଟଣା ଗାଁର ମାମା ଇଟାଭାଟି ମାଲିକ ହରିଶ୍ଚନ୍ଦ୍ର ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେବଳ ତାଙ୍କ ଇଟାଭାଟିକୁ ଭାଙ୍ଗି ଅନ୍ୟ ବେଆଇନ ଇଟାଭାଟିକୁ ଭଙ୍ଗାଯାଉ ନ ଥିବା ସେ ହାଇକୋର୍ଟରେ ପକ୍ଷ ରଖି କ୍ଷତିପୂରଣ ଦାବି କରିଥିଲେ। ଗତ ଶୁକ୍ରବାର ହରିଶ୍ଚନ୍ଦ୍ରଙ୍କ ସ୍ତ୍ରୀ ଗୀତାଞ୍ଜଳି ଓ ପୁଅ ଚନ୍ଦନ ନୀଳଗିରି ତହସିଲଦାରଙ୍କ ପାଖକୁ ବାଇକରେ ଆସୁଥିବା ବେଳେ ମିରିଗିଣି ନିକଟରେ କିଛି ଇଟା ଭାଟି ମାଲିକ ମିଳିତ ଭାବେ ମା' ଓ ପୁଅଙ୍କୁ ଅଟକାଇ ବାଇକ ଚାବି ଛଡ଼ାଇ ନେବା ପରେ ଘୋଷାଡ଼ି ନିସ୍ଥୁକ ମାଡ଼ ମାରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ସେମାନଙ୍କୁ ହତ୍ୟା ଧମକ ଦେଇଥିବା ଗୀତାଞ୍ଜଳି ନୀଳଗିରି ଥାନାରେ ୨୪।୧୧ରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ୫ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ ହୋଇ ନ ଥିବା ହରିଶ୍ଚନ୍ଦ୍ରଙ୍କ ସ୍ତ୍ରୀ ଗୀତାଞ୍ଜଳି ଓ ପୁଅ ଚନ୍ଦନ ମଙ୍ଗଳବାର ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କଠାରେ ଗୁହାରି କରିଥିଲେ। ଜିଲାପାଳ ମାମଲା ରୁଜୁ କରି ନ୍ୟାୟ ପାଇଁ ନୀଳଗିରି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଇକୋ ସେନସିଟିଭ ଜୋନ ଭିତରେ ଯେମିତି ଚିମିନିରୁ ଧୂଆଁ ନ ବାହାରେ ସେଥିପାଇଁ ତହସିଲଦାର ଦିପ୍ତୀମୟୀ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟ ଯିବା ବେଳେ ଛାତ୍ରୀଙ୍କୁ ଟଣାଓଟରା ପ୍ରତିବାଦ କରିବାରୁ ବାପାଙ୍କୁ ଆକ୍ରମଣ, ଯୁବକ ଗିରଫ

ବାହାନଗା, ୩୦।୧୧(ଅରୂପ୍ କୁମାର ଦାସ)-ବାଲେଶ୍ୱର ଜିଲା ରେମୁଣା ବ୍ଲକ ତାଳପଦା ଛକ ଦେଇ ଗୁରୁବାର ଜଣେ ନବମ ଶ୍ରେଣୀ ଛାତ୍ରୀ ବିଦ୍ୟାଳୟକୁ ଯାଉଥିବା ବେଳେ ଜଣେ ଯୁବକ ଟଣାଓଟରା କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଛାତ୍ରୀଜଣକ ଏହାର ପ୍ରତିବାଦ କରିବା ସହିତ ଜଣେ ଦୋକାନୀଙ୍କଠାରୁ ମୋବାଇଲ ଫୋନ ମାଗି ତାଙ୍କ ବାପାଙ୍କୁ ଡକାଇବାରୁ ଯୁବକଜଣକ ତାଙ୍କ ବାପାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏନେଇ ସମ୍ପୃକ୍ତ ଛାତ୍ରୀ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରାଯାଇ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଯୁବକ ଜଣକ ହେଲେ ତାଳପଦା ଗ୍ରାମର ଶୁଭମ୍ ଦାସ । ଅନ୍ୟପକ୍ଷରେ ନାବାଳିକାଙ୍କ ବାପାଙ୍କୁ ଗୁରୁତର ଅବସ୍ଥାରେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା

ମୋରଡ଼ା,୩୦।୧୧(ସ୍ମାରକ ମାଜୀ)-ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଓ ମୟୂରଭଞ୍ଜ ଜିଲା ପ୍ରଶାସନର ମିଳିତ ସହଯୋଗରେ ଗୁରୁବାର ମୋରଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ନିଯୁକ୍ତି ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ମୋଟ ୧୧ଟି ସଂସ୍ଥା ଆସିଥିବା ବେଳେ ୨୧୫ ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ। ମେଳାରେ ମୋରଡ଼ା ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ, ବିଡିଓ ଜୟକୃଷ୍ଣ ପାତ୍ର, ଜିଲା ନିଯୁକ୍ତି ଅଧିକାରୀ ଆଶିଷ କୁମାର ବସନ୍ତିଆ, ଜିପିଓ ରୁପେଶ ମାଝୀ, ବିଏଲ୍‌ସି ହିମାଂଶୁ ଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ନିଯୁକ୍ତି ପରାମର୍ଶ ମେଳାରେ ବେକାର ଯୁବତୀ ଯୁବକମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ତାଲିମ ବ୍ୟବସ୍ଥା କରାଯିବା ପରେ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ମିଳିବ ବୋଲି ସୂଚନା ମିଳିଛି ।

### ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ତେଲକୋଇ,୩୦।୧୧(ରଞ୍ଜିତ ବିଶ୍ୱାଳ): କେନ୍ଦୁଝର ଜିଲା ତେଲକୋଇରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅୟୋଜିତ ହୋଇଯାଇଛି। ଏଥିରେ ତେଲକୋଇର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ୪ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ପ୍ରଦର୍ଶନୀ ପାଇଁ ଗାୟତ୍ରୀ ରଥ ପ୍ରଥମ ପୁରସ୍କାର ପାଇଥିଲେ। ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ରାଉଳଙ୍କ ତତ୍ତ୍ୱାବଧାନରେ ନିର୍ମିତ 'ପରିବେଶ ପାଇଁ ୪୪ଟି ଲାଇଫ ଷ୍ଟାଇଲ', 'ମିଲେଟ ଏ ସୁପର ଫୁଡ', 'ଆଦର୍ଶ ଛାତ ବଗିଚା' ଓ 'ଗାଣିତିକ ଉପାୟରେ ଦୀର୍ଘସ୍ଥାୟୀ ଶୌଚାଳୟ ନିର୍ମାଣ' ଆଦି ଉଚ୍ଚକୋଟୀର ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ କୃଷି ବିଭାଗରେ ଭାଗ ନେଇଥିବା ୫ମ ଶ୍ରେଣୀର ଛାତ୍ର ପଲିନ ଚନ୍ଦ୍ର ଖମାଣିଆ ଓ ପରିବେଶ ବିଭାଗରେ ୬ଷ୍ଠ ଶ୍ରେଣୀର ଛାତ୍ର ଶ୍ରବଣ କୁମାର ମହାନ୍ତ ୨ୟ ସ୍ଥାନ ଅଧିକାର କରିଥିଲେ।

# ୨୦ ବର୍ଷରେ ଏଡ୍‌ସରେ ଗଲାଣି ୨୮୮ ଜୀବନ

- ୧୧୫୭ ଆକ୍ରାନ୍ତ
- ଏବେବି ସଚେତନତା ଅଭାବ

ଭଦ୍ରକ,୩୦।୧୧(ସନାତନ ରାଉତ)

ଡିସେମ୍ବର ୧ ହେଉଛି ବିଶ୍ୱ ଏଡ୍‌ସ ଦିବସ। ଏହି ଦିବସ ଉପଲକ୍ଷେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ଏଡ୍‌ସର ମୂଳୋତ୍ପାଟନ ହୋଇପାରୁନାହିଁ। ଏଡ୍‌ସ ନିୟନ୍ତ୍ରଣ ପାଇଁ କେବଳ ସଚେତନତା ହିଁ ବଡ଼ ଔଷଧ ହୋଇଥିବା ବେଳେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତାର ଅଭାବ ଦେଖାଦେଇଛି। ଭଦ୍ରକ ଜିଲାରେ ଗତ ୨୦୦୩ଠାରୁ ଏପର୍ଯ୍ୟନ୍ତ ଅର୍ଥାତ୍ ୨୦ ବର୍ଷରେ ୬ ଲକ୍ଷ ୧୨ ହଜାର ୭୭୧ ଜଣଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ଏଡ୍‌ସରେ ୨୮୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧୫୭ ଜଣ ଆକ୍ରାନ୍ତ ଅଛନ୍ତି। ଏହାବ୍ୟତୀତ ରାଜ୍ୟ ବାହାରେ କାର୍ଯ୍ୟରତ ଥିବା ଏବଂ ବେସରକାରୀ ଭାବେ ଚିକିତ୍ସିତ ହେଉଥିବା ସଂଖ୍ୟା ଜିଲା ସ୍ୱାସ୍ଥ୍ୟ ବିଭାଗ ପାଖରେ କୌଣସି ତଥ୍ୟ ନାହିଁ। କେତେକ ଏଡ୍‌ସ ଆକ୍ରାନ୍ତ ଲୋକଲଜ୍ଜା ଭୟରେ ନିଜର ରୋଗକୁ ଲୁଚାଉଥିବାରୁ ଜିଲା ଏଡସ୍ ସେଲ ପାଖରେ ଏହାର ତଥ୍ୟ ରହିପାରୁନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରୁ ୭୬୦ ଜଣ ଆକ୍ରାନ୍ତ ଔଷଧ ସେବନ କରୁଛନ୍ତି। ଏହା ବାଦ୍ କେତେକ ଆକ୍ରାନ୍ତ ଅନ୍ୟ ଜିଲାରେ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୨୦ ବର୍ଷ ମଧ୍ୟରେ ଭଦ୍ରକ ସଦର ବ୍ଲକରେ ସର୍ବାଧିକ ୨୫୬ ଜଣ ଆକ୍ରାନ୍ତ ହୋଇଥିବା ବେଳେ ବାସୁଦେବପୁର ବ୍ଲକରେ ୨୩୯, ଧାମନଗର ବ୍ଲକରେ ୧୪୩, ତିହିଡ଼ି ବ୍ଲକରେ ୧୨୫, ଚାନ୍ଦବାଲି ବ୍ଲକରେ ୯୮, ବନ୍ତରେ ୭୯, ଭଣ୍ଡାରିପୋଖରୀ ବ୍ଲକରେ ୬୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ବ୍ୟତୀତ ଅନ୍ୟ ଜିଲାରୁ ୧୬୭ ଜଣ, ଗର୍ଭବତୀ ମହିଳା ୯୦ ଏବଂ ୯୧ ଜଣ ଶିଶୁ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି ଏଡ୍‌ସ ନିରାକରଣ ପାଇଁ ବ୍ୟାପକ ସଚେତନତାର ଆବଶ୍ୟକ ରହିଛି। ଜିଲା ଏଡ୍‌ସ ସେଲ ପକ୍ଷରୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟିପାଇଁ ଉଦ୍ୟମ ଜାରିରହିଛି।

# ମିଠା ବାଣ୍ଟି ଖୁସି ମନାଇଲେ

## ଉତ୍ତରାଖଣ୍ଡ ସୁଡ଼ଙ୍ଗରୁ ଓଡ଼ିଆ ଶ୍ରମିକ ଉଦ୍ଧାର ଘଟଣା

ବାସୁଦେବପୁର,୩୦।୧୧
(ନାରାୟଣ ପ୍ରସାଦ ବାରିକ୍)

ଉତ୍ତରାଖଣ୍ଡର ଉତ୍ତରକାଶୀରେ ସୁଡ଼ଙ୍ଗ ଭିତରେ ୧୭ ଦିନ ଫସି ରହିଥିବା ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତ ଚାଳିଶିଚେନ ଗ୍ରାମର ତପନ ମଣ୍ଡଳ ମଙ୍ଗଳବାର ଉଦ୍ଧାର ହୋଇଛନ୍ତି। ସୁରକ୍ଷିତ ଭାବେ ସେ ଉଦ୍ଧାର ହେବା ପରେ ତାଙ୍କ ପରିବାର ଓ ଗ୍ରାମରେ ଖୁସିର ଲହରି ଖେଳିଯାଇଛି। ଏହି ଖୁସିରେ ପରିବାର ଓ ଗାଁ ଲୋକ ପରସ୍ପର ମଧ୍ୟରେ ମିଠା ବାଣ୍ଟିଥିଲେ। ଉଦ୍ଧାର ପରେ ତପନ ତାଙ୍କ ପରିବାର ଲୋକଙ୍କ ସହ କଥା ହେବା ସହ ସେ ସୁସ୍ଥ ଥିବା ଜଣାଇଥିଲେ। ବାସୁଦେବପୁର ବିଡିଓ ସଞ୍ଜୀବ କୁମାର ସାହୁ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଅଭିମନ୍ୟୁ ସେଠୀ, ବରିଷ୍ଠ ଭାଜପା ନେତା ମାଧବାନନ୍ଦ ମଲ୍ଲିକ ପ୍ରମୁଖ ତପନଙ୍କ ଘରେ ପହଞ୍ଚି ତାଙ୍କ ବିଷୟରେ ପଚାରି ବୁଝିଥିଲେ।

# ପଥପ୍ରାନ୍ତ ନାଟକ 'ମୁଁ ପଢ଼ିବି ମୁଁ ଗଢ଼ିବି' ମଞ୍ଚସ୍ଥ


ଅତିଥିଙ୍କ ଦ୍ୱାରା ବିଜ୍ଞାନ ମେଳା ଉଦ୍‌ଘାଟନ କରାଯାଉଛି।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ରେମୁଣା, ୩୦।୧୧(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତ ଟିଣା ଗ୍ରାମସ୍ଥ ବୈକୁଣ୍ଠନାଥ ଉଚ୍ଚ ବିଦ୍ୟାଳୟରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାଧ୍ୟମିକ ଶିକ୍ଷାବୋର୍ଡ଼ର ଅବସରପ୍ରାପ୍ତ ଉପସଚିବ ପ୍ରସନ୍ନ କୁମାର ନନ୍ଦ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ନନ୍ଦ ସମସ୍ତ ବିଜ୍ଞାନ ପ୍ରକଳ୍ପ ବୁଲି ବୁଲି ପରିଦର୍ଶନ କରିଥିଲେ। ଏତେମାତ୍ରାରେ ପ୍ରକଳ୍ପ ଦେଖି ଆନନ୍ଦ ଅନୁଭବ କରି ଆଗାମୀ ଦିନରେ ଯେମିତି ଗୋଟିଏ ଛାତ୍ର ଗୋଟିଏ ପ୍ରୋଜେକ୍ଟରେ ଭାଗ ନେଇପାରିବେ ତା' ଉପରେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ଦାସ ଯୋଗଦେଇ ସ୍କୁଲର ସର୍ବାଙ୍ଗୀନ ଉନ୍ନତି ଏବଂ ସର୍ବାଙ୍ଗୀନ ବିକାଶ ନିମନ୍ତେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅତିଥି ଭାବେ ପୁରାତନ ଛାତ୍ର ସଂସଦ ସଭାପତି ରଘୁନାଥ ନାୟକ, ବିରେନ୍ଦ୍ର ରାଉତ, ଅଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂସ୍କୃତ ଶିକ୍ଷକ ଭଗବାନ ଚନ୍ଦ୍ର ଦାଶ ମଙ୍ଗଳାଚରଣ ପାଠ କରିଥିଲେ। ବୈକୁଣ୍ଠନାଥ ଉଚ୍ଚ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଶିକ୍ଷାବିତ୍, ଆଦର୍ଶ ଶିକ୍ଷକ ଗୋପବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ କମଳ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ମଧ୍ୟଭାଗରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶ, ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଆଧାରିତ ଏକ ପଥପ୍ରାନ୍ତ ନାଟକ 'ମୁଁ ପଢ଼ିବି ମୁଁ ଗଢ଼ିବି' ମଞ୍ଚସ୍ଥ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ କର୍ମଚାରୀ ଭାବେ ବେଣୁଧର ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ରାଉତ, କରୁଣାକର ରାଉତ, ସତ୍ୟଶ୍ରୀ ପରିଡ଼ା, ସନାତନ ସେଠୀ, ଅଣ ଶିକ୍ଷକ କର୍ମଚାରୀ ଭାବେ ଶଙ୍କର୍ଷଣ ଆଚାର୍ଯ୍ୟ, ତପନ କୁମାର ବେହେରା, ସରସ୍ୱତୀ ମହାକୁଡ଼, ଆନନ୍ଦ କୁମାର ବିନ୍ଧାଣି ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷକ ମାଧବାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ।

# କାର୍-ଟ୍ରକ୍ ମୁହାଁମୁହିଁ ଧକ୍କା, ଦୁଇ ସାଙ୍ଗ ମୃତ

କେନ୍ଦୁଝର,୩୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଉଚୁକାବେଡ଼ା ରାମଚନ୍ଦ୍ରପୁର ନିକଟରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ କାର୍ ଓ ୧୪ ଚକିଆ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଫଳରେ ଦୁଇ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ବକ୍ସି ବାରିଗାଁ ଗ୍ରାମର ଲୋକନାଥ ନାଏକ(୩୦) ଓ ଅନିଲ ରାଉତ(୨୫)। ସୂଚନା ମୁତାବକ, ଉଭୟ ନରଣପୁରରୁ ବକ୍ସିବାରିଗାଁ ଅଭିମୁଖେ କାର୍‌ରେ ଯାଉଥିଲେ। ଉଚକାବେଡ଼ା ନିକଟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ସହିତ ତାଙ୍କ କାର ମୁହାଁମୁହିଁ ଧକ୍କା ହୋଇଥିଲା। ଲୋକନାଥ ଓ ଅନିଲ କାର୍ ଭିତରେ ଚାପି ହୋଇ ରହିଯାଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ପଣ୍ଡାପଡା ପୋଲିସ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଦୁର୍ଘଟଣା ଜନିତ ମାମାଲା (ନଂ. ୧୬୯/୨୩)ରାଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ସରିଲା କୃଷି ଯନ୍ତ୍ରପାତି ମେଳା

ରାଇରଙ୍ଗପୁର,୩୦।୧୧(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ମହୁଲଡିଆ ଖେଳ ପଡ଼ିଆଠାରେ ରାଇରଙ୍ଗପୁର କୃଷି ବିଭାଗ ପକ୍ଷରୁ ଆୟୋଜିତ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀ, ସାରସକଣା ବିଧାୟକ ଡ. ବୁଢ଼ାନ ମୁର୍ମୁ , ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲା ମୁଖ୍ୟ କୃଷି ଅଧିକାରୀ ତରୁଣ କୁମାର ଛୋଟରାୟ, ରାଇରଙ୍ଗପୁର ଉପ ଜିଲାପାଳ ସରୋଜ କୁମର ଦାସ ଏବଂ ତହସିଲଦାର ବିଶ୍ୱନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୨ କୃଷକଙ୍କୁ ସମ୍ମାନିତ କରାଯାଇଥିଲା। ୪୦ଟି କୃଷି ଯନ୍ତ୍ରପାତି ଷ୍ଟଲରୁ ଚାଷୀମାନେ ୮୫ ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ କ୍ରୟ କରିଥିଲେ। ରାଇରଙ୍ଗପୁର କୃଷି ଜିଲା ଅଧିକାରୀ କିଶୁନ ମୁର୍ମୁ, ବ୍ଲକ କୃଷି ଅଧିକାରୀ ପ୍ରଦୀପ ପ୍ରସାଦ ଦାସ, ସରକାରୀ କୃଷି ଅଧିକାରୀ ଧରିତ୍ରୀ ଟୁଡୁ ଏବଂ ଅଙ୍କିତା ନାୟକ, କୃଷି ଜିଲା ଅଧିକାରୀ ଜୟକୃଷ୍ଣ ନାୟକଙ୍କ ସମେତ ବିଭିନ୍ନ ବ୍ଲକର କୃଷି କାର୍ଯ୍ୟାଳୟ ପଦାଧିକାରୀ ଏବଂ ଯନ୍ତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ସୂଚନା ଓ ଲୋକ ସମ୍ପର୍କ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା


ରଜନୀ ନାଏକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

କେନ୍ଦୁଝର,୩୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ରଜନୀ ନାଏକଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କେନ୍ଦୁଝର ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ମହାନ୍ତ, ଷ୍ଟୋର କିପର ରଷିକାନ୍ତ ମହାନ୍ତ, କର୍ମଚାରୀ ଦେବେନ୍ଦ୍ର ରାଉତରାୟ, ମାନସ ସାହୁ, ମନୋରଞ୍ଜନ ବରାଳ ଓ ପଦ୍ମିନୀ ବେହେରା ପ୍ରମୁଖ ରଜନୀ ନାଏକଙ୍କର କର୍ତ୍ତବ୍ୟ ପରାୟଣତା ଏବଂ ଗୁଣାବଳୀର ପ୍ରଶଂସା କରିଥିଲେ। ଏହି ଅବସରରେ ରଜନୀ ନାଏକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଯୁବ କଂଗ୍ରେସର ବୈଠକ

ବାଲିଆପାଳ, ୩୦।୧୧(ଗୋପାଳ ଚନ୍ଦ୍ର ସାହୁ)-ବାଲିଆପାଳ ବ୍ଲକ ଅଧୀନ ଘଣ୍ଟୁଆ ପଞ୍ଚାୟତ ଧରମଦୁଆର ଗ୍ରାମରେ ବୁଧବାର ଯୁବକଂଗ୍ରେସ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ସଭାପତି ତୀର୍ଥକୁମାର ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ କଂଗ୍ରେସ ନେତା ବିଜନ ନାୟକ ଅତିଥି ଭାବେ ଯୋଗଦେଇ ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ଼ କରିବା ପାଇଁ ପଞ୍ଚାୟତସ୍ତରରେ ସୁଦକ୍ଷ ନେତୃତ୍ୱର ଆବଶ୍ୟକ ରହିଛି ବୋଲି ବକ୍ତବ୍ୟରେ କହିଥିଲେ। ଯୁବନେତା ରବିନାରାୟଣ ମହାନ୍ତି, ବରିଷ୍ଠ ନେତା ଚାରୁଚନ୍ଦ୍ର ଦେ ଯୋଗଦେଇ ୱାର୍ଡ଼ସ୍ତରୀୟ ନେତୃମଣ୍ଡଳୀଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ ଯୁବ କଂଗ୍ରେସ ସମ୍ପାଦକ ବିକାଶ ବାରିକ, ପୂର୍ବତନ ବସ୍ତା ନିର୍ବାଚନମଣ୍ଡଳୀ ଯୁବକଂଗ୍ରେସ ସଭାପତି ହୃଷିକେଶ ପଣ୍ଡା, ବାଲିଆପାଳ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକ, ଜିଲା ପରିଷଦ ବାବାଜୀ ଦେହୁରୀ, ଯୁବନେତା ପଙ୍କଜ କୁମାର ସାହୁ, ବିଶ୍ୱଜିତ ପ୍ରଧାନ, ପ୍ରଶାନ୍ତ କୁମାର ଦାସ, ବାଲିକୁଟି ସରପଞ୍ଚଙ୍କ ପ୍ରତିନିଧି ରାଜେନ୍ଦ୍ର ଧଳଙ୍କ ସମେତ ୧୬ଟି ପଞ୍ଚାୟତର ବହୁ ଯୁବ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# 'ପ୍ରତିଯୋଗିତା ଦ୍ୱାରା ଯୁବ ପ୍ରତିଭା ବିକଶିତ ହେବେ'

କେନ୍ଦୁଝର,୩୦।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ୫ ନଂ. ଜୋନ୍ ଜିଲାପରିଷଦ ସଦସ୍ୟ ରଥ ମୁଣ୍ଡା, ମୁଖ୍ୟବକ୍ତାଭାବେ ଖବରଦାତା ସୁବ୍ରତ ସ୍ୱାଇଁ ଯୋଗଦେଇ ପ୍ରତିଯୋଗିତା ଦ୍ୱାର ଯୁବ ପ୍ରତିଭା ବିକଶିତ ହୋଇପାରିବେ ବୋଲି କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡା. ଲିଳିତ କୁମାର ଦାଶଙ୍କ ସଭାପତିତ୍ୱରେ ଇଂରାଜୀ ଅଧାପକ ସୁରେଶ ଆଚାର୍ଯ୍ୟ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା। ନୋଡାଲ ଅଫିସର ସନତ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ଆଲୋକପାତ କରିଥିଲେ।


ସଭାରେ ଉପସ୍ଥିତ ଅତିଥିମାନେ।

କ୍ରିଡ଼ା ବିଭାଗ ଉପଦେଷ୍ଟା ତଥା ପ୍ରଧାପକ ବେଣୁଧର ମହାନ୍ତ ଯୁବ ପ୍ରତିଭା କିପରି ବିକଶିତ ହେବ ଅଭିଭାଷଣ ରଖିଥିଲେ। ଶେଷରେ ସାଂସ୍କୃତିକ ବିଭାଗ ଉପଦେଷ୍ଟା ତଥା ଅଧ୍ୟାପକ ରାମ ଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭାଗରେ ସଙ୍ଗୀତ, ଏକକ ଅଭିନୟ ଓ ପାରମ୍ପାରିକ ଫ୍ୟାସନ ସୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଜେଜେ ମା'ଙ୍କୁ ହତ୍ୟା ମାମଲା: ନାତିଙ୍କୁ ଆଜୀବନ

ଘସିପୁରା,୩୦।୧୧(ନିରଞ୍ଜନ ସାହୁ)-ଘସିପୁରା ଥାନା ଗୋହିରା ଗ୍ରାମରେ ଜେଜେମା'ଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଜ୍ୟୋତି ରାଉତ ବିଚାରକରି ନାତିକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅତିରିକ୍ତ ୧ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି।୨୦୨୦ ଅକ୍ଟୋବର ୧୭ରେ ଗୋହିରା ଗ୍ରାମର ସିଦ୍ଧାନ୍ତ ନାଇକ ଜେଜେମା' ଦୁଃଖୀ ନାଇକ(୫୫)ଙ୍କୁ ଟଙ୍କା ମାଗିଥିଲେ। ଜେଜେମା' ମନାକରିବାରୁ ସିଦ୍ଧାନ୍ତ ରାଗିଯାଇ ଦୁଃଖୀଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିଲେ। ଦୁଃଖୀଙ୍କ ସ୍ୱାମୀ କୁଳମଣିଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା(ନଂ.୧୮୧/୨୦୨୦) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୧୭ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ଉକ୍ତ ରାୟ ଶୁଣାଇଥିବା ସରକାରୀ ଆଇନଜୀବୀ ଅଶ୍ୱିନୀ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ସ୍ୱେଚ୍ଛାସେବୀ ରାଷ୍ଟ୍ର ନିର୍ମାଣର କର୍ଣ୍ଣଧାର

ରୂପସା, ୩୦।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟରେ ଜିଲାସ୍ତରୀୟ ଯୁବ ରେଡ଼କ୍ରସ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଧ୍ୟୟନ ସହ ଯୁବ ରେଡକ୍ରସ ମାଧ୍ୟମରେ ଛାତ୍ରୀଛାତ୍ର ସମାଜସେବା କରିବା ଦିଗରେ ସୁଯୋଗ ପାଇଥାନ୍ତି। ସ୍ୱେଚ୍ଛାସେବୀ ରାଷ୍ଟ୍ର ନିର୍ମାଣର କର୍ଣ୍ଣଧାର ବୋଲି ମତବ୍ୟକ୍ତ କରିଥିଲେ।

ସମ୍ମାନନୀୟ ଅତିଥି ଭାବେ ବସ୍ତା ଏସଡିପିଓ ମାନସ କୁମାର ଦେଓ, ଯୁବ ରେଡକ୍ରସର ଜିଲା ସଂଯୋଜକ ସୁଧୀର କୁମାର ମୁଦୁଲି ଓ ପ୍ରାଧାପକ ସରୋଜ କୁମାର ପାଣି, ସ୍ୱେଚ୍ଛାସେବୀମାନଙ୍କୁ ଦେଶ ପ୍ରତି ଅନୁରକ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଅଧାପକ ଗୌରାଙ୍ଗ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଯୁବ ରେଡକ୍ରସ କାଉନସେଲର ଶ୍ରବଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା କଳ୍ପନା ମଞ୍ଜରୀ ପାତ୍ର, ପିନାକ୍ଷୀ ପଣ୍ଡା, ଇତିଶ୍ରୀ ମହାନ୍ତ,ଅଧାପକ ବିଜୟ କୁମାର ବେହେରା, ସତ୍ୟେନ୍ଦ୍ର କୁମାର ପାଲ, ଶମ୍ଭୁନାଥ ଗିରି ପ୍ରମୁଖ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୧୦୦ ଜଣ ସ୍ୱେଚ୍ଛାସେବୀ ଓ ୨୪ ଜଣ କାଉନସେଲର ଯୋଗ ଦେଇଛନ୍ତି। ଶିବିରରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ଶିବିର ସଂଯୋଜକ ଅଧାପକ ଶ୍ରବଣ ନାୟକ ସୂଚନା ପ୍ରଦାନ କରିଥିଲେ। ଯୁବ ରେଡକ୍ରସ କାଉନସେଲର ଅଧାପିକା ଅନ୍ନପୂର୍ଣ୍ଣା ରଣା ଧନ୍ୟବାଦ ଦେଇଥିଲେ।



କୁଳପତିଙ୍କ ସହ ଅତିଥିଗଣ।

## ଯୋଡ଼ା ପୌରପାଳିକା ୮ନଂ. ୱାର୍ଡ ଉପନିର୍ବାଚନ

# ବିଜେଡି ଜିତିଲା

ଯୋଡ଼ା,୩୦।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୮ନଂ. ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ ନିମନ୍ତେ ଅନୁଷ୍ଠିତ ଉପନିର୍ବାଚନରେ ବିପୁଳ ଭୋଟ ବ୍ୟବଧାନରେ ବିଜେଡି ବାଜିମାତ୍ କରିଛି। ବିଜେଡି ପ୍ରାର୍ଥୀ ଶୁଭମ ନାଏକ ୮୦୬ ଖଣ୍ଡ ଭୋଟ ପାଇଥିବା ବେଳେ ୭୪ ପ୍ରତିଶତ ସମର୍ଥନ ପାଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଭଞ୍ଜକିଶୋର ନାଏକ ୨୨୯ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ରଞ୍ଜିତ ନାଏକ ୧୧୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିବା ବେଳେ ଜାତୀୟ ଦଳ କଂଗ୍ରେସ ପକ୍ଷରୁ ପୂର୍ଣ୍ଣିମା ନାଏକ ମାତ୍ର ୨୧ ଖଣ୍ଡ ଭୋଟ ପାଇଛନ୍ତି। ୱାର୍ଡରେ ୧୮୦୧ ଭୋଟର ଥିବା ବେଳେ ୧୧୭୯ ଜଣ ମତଦାନ ସାବ୍ୟସ୍ତ କରିଥିଲେ। ସେଥିମଧ୍ୟରୁ ୧୦ ଖଣ୍ଡ ଭୋଟ ନୋଟାରେ ପଡ଼ିଥିବା ଜଣାପଡ଼ିଛି । ବିଜେତା ଶୁଭମ ନାଏକ ୫୭୭ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି । ଉପନିର୍ବାଚନରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ, ବଡ଼ବିଲ ଉପଖଣ୍ଡ ପୋଲିସ ଅଧିକାରୀ, ଯୋଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ବଡ଼ବିଲ ତହସିଲଦାର ଏବଂ ଚମ୍ପୁଆ ଉପଜିଲାପାଳ ଭୋଟ ଗ୍ରହଣ କେନ୍ଦ୍ର ନିକଟରେ ପ୍ରତ୍ୟକ୍ଷ ଭାବେ ରହି ଏହାକୁ ପରିଚାଳନା କରିଥିଲେ। ବିଜୟକୁ ନେଇ ବିଜେଡି ଶିବିରରେ ଆନନ୍ଦର ଲହରି ଖେଳିଯାଇଥିବା ବେଳେ ଉତ୍ସାହିତ ବିଜେଡି କର୍ମୀମାନେ ନବନିର୍ବାଚିତ କାଉନ୍‌ସିଲରଙ୍କୁ ସାଙ୍ଗରେ ଧରି ସହର ପରିକ୍ରମା କରିଥିଲେ। ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ବଡ଼ବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ଯୋଡ଼ା ପୌରାଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ଯୁବ ବିଜେଡି ସଂଗଠକ ସୁଶାନ୍ତ ବାରିକ, ଜିଲା ବିଜେଡି ସହ ସମ୍ପାଦକ ବାବୁଲାଲ ସାହୁ ପ୍ରମୁଖଙ୍କ ସହ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଏହି ଆସନଟି ବିଜେଡିର ଜୟରାମ ନାଏକଙ୍କ ହାତରେ ଥିଲା। ୨୦୨୨ ଡିସେମ୍ବର ୧ ରେ ସେ ମୃତ୍ୟୁବରଣ କରିଥିଲେ। ଫଳରେ ତାଙ୍କ ସାନଭାଇ ଶୁଭମ ନାଏକଙ୍କୁ ଚଳିତ ନିର୍ବାଚନରେ ପ୍ରାର୍ଥୀ ଭାବେ ଦଳ ପକ୍ଷରୁ ଚୟନ କରାଯାଇଥିଲା।


ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ବିଜେତା ଶୁଭମ ନାଏକ ଓ କର୍ମକର୍ତ୍ତା ସହର ପରିକ୍ରମା କରୁଛନ୍ତି।

**ଆବାସିକ ସେବାଶ୍ରମରେ ଛାତ୍ରୀ ଅସୁସ୍ଥ**

ପାଟଣା(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଧାନବେଣୀସ୍ଥିତ ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ଆବାସିକ ଛାତ୍ରୀ ନିବାସରେ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀ ଗୁରୁବାର ଅସୁସ୍ଥ ହୋଇଛନ୍ତି। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସହାରପଡ଼ା ବିଇଓ ଉତ୍ତମ ନାୟକ କହିଛନ୍ତି, ତଦନ୍ତ ପରେ ଘଟଣା ସମ୍ପର୍କରେ କହିବେ।



## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ବଡ଼ବିଲ,୩୦।୧୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜ୍ୟୋତି ଯୋଗେ ମଶାଲ ସଂଯୋଗ ପରେ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ଆସନ୍ତା ୨ ତାରିଖ ଶନିବାର ଦିନ ଉଦ୍‌ଯାପିତ ହେବ। ୩ ଦିନ ଧରି ହେବାକୁ ଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରାଥମିକ, ଶିଶୁ, ବାଲ ଏବଂ କିଶୋର ବର୍ଗ ମଧ୍ୟରେ ବାଳିକା ଓ ବାଳକ ବିଭାଗର ପୃଥକ୍ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରୁଛନ୍ତି।

### ବନାଞ୍ଚଳସ୍ତରୀୟ ଗଜସାଥୀ ପ୍ରଶିକ୍ଷଣ ଶିବିର

ରାଇବଣିଆ,(ନବୀନ ସାହୁ)/ଜଳେଶ୍ୱର(ରବିନାରାୟଣ ପାତ୍ର), ୩୦।୧୧-ଜଳେଶ୍ୱର ବ୍ଲକ ରାଇବଣିଆଠାରେ ଥିବା ବରଡ଼ିହା ବନପାଳଙ୍କ କାର୍ଯ୍ୟାଳୟ ଧାନଘେରା ପରିସରରେ ବୁଧବାର ବନ ସଂରକ୍ଷଣ ଅଧିକାରୀ ପ୍ରହ୍ଲାଦ ନାୟକଙ୍କ ତତ୍ତ୍ୱାବଧାନରେ ବନାଞ୍ଚଳସ୍ତରୀୟ ଗଜସାଥି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ରେଞ୍ଜର ଅଧିକାରିଣୀ ଜୟଶ୍ରୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଏହି ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଜଳେଶ୍ୱରର ରେଞ୍ଜର ଜୟଶ୍ରୀ ମୁର୍ମୁ, ଜିଲା ଅବୈଧ ପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ ଦାଶ, ଶ୍ୟାମନଗର ପଞ୍ଚାୟତ ସରପଞ୍ଚ ଗିରିଜା ସାସମଲ, ବରଡ଼ିହା ସରପଞ୍ଚ ଅଜୟ ମହାନ୍ତି, କଳମା ପଞ୍ଚାୟତ ସମିତିସଭ୍ୟ ଚିତ୍ତରଞ୍ଜନ ବେହେରା, କାଳିକ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସଙ୍କ ସହିତ ରାଇବଣିଆ ଅଞ୍ଚଳର ୧୨ଟି ବନ ସଂରକ୍ଷଣ ସମିତିର ଗଜ ସାଥୀମାନେ ଉପସ୍ଥିତ ଥିଲେ। ସେଠାରେ ଉପସ୍ଥିତ ଥିବା ସମସ୍ତ ଗଜ ସାଥୀଙ୍କୁ ଜଳେଶ୍ୱର ବନଖଣ୍ଡ ଅଧିକାରିଣୀ ଜୟଶ୍ରୀ ମୁର୍ମୁ ହାତୀ ଏବଂ ମଣିଷ ମଧ୍ୟରେ ସୁସମନ୍ୱୟ କିପରି ଭାବେ ବଜାୟ ରହିବ ଏବଂ କିପରି ବୃକ୍ଷ ସୁରକ୍ଷା ହୋଇପାରିବ ସେନେଇ ବାର୍ତ୍ତା ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ବିଜୁ ପଟ୍ଟନାୟକ ସମ୍ମାନ ୨୦୨୩ରେ ସମ୍ମାନିତ ଅଶ୍ୱିନୀ ଦାସଙ୍କୁ ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ ସମ୍ମାନିତ କରିଥିଲେ।

### ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

ବସ୍ତା,୩୦।୧୧(ହରିଶଙ୍କର ପାଢୀ)- ବସ୍ତା ତହସିଲର ନାବରାଠାରେ ୩ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁରୁବାର ଏହି ୩ଟି ଟ୍ରାକ୍ଟର ବେଆଇନ ଭାବେ ବାଲି ପରିବହନ କରୁଥିବା ବେଳେ ତହସିଲଦାର ରାଧାରଞ୍ଜନ ଦାସ ଓ ଅନ୍ୟ କର୍ମଚାରୀ ସେଗୁଡିକୁ ଧରିଥିଲେ। ସେମାନଙ୍କଠାରୁ ୫୪ ହଜାର ଟଙ୍କା ଆଦାୟ କରାଯାଇଛି।

### ଲୋକାର୍ପିତ ହେଲା ପେପରଲେସ୍ କୋର୍ଟ

ବାରିପଦା,୩୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାସ୍ଥିତ ଅତିରିକ୍ତ ଜିଲା ଏବଂ ଦୌରା ତଥା ସ୍ୱେଶାଲ ଜଜ (ଭିଜିଲାନ୍ସ) ଅଦାଲତରେ ପେପରଲେସ କୋର୍ଟ ଲୋକାର୍ପିତ ହୋଇଯାଇଛି। ଏହି ଜିଲାସ୍ତରୀୟ କୋର୍ଟକୁ ଆଭାସୀ ମାଧ୍ୟମରେ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ବି.ଆର୍.ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ କେ. ଆର. ମହାପାତ୍ର, ଜଷ୍ଟିସ ଏ. କେ. ମହାପାତ୍ର ମଧ୍ୟ ଆଭାସୀରେ ଯୋଡ଼ି ହୋଇଥିଲେ। ଉଦ୍‌ଘାଟନୀ ସଭାରେ ଜିଲା ତଥା ଦୌରାଜଜ ଡ. ଅରବିନ୍ଦ ପଟ୍ଟନାୟକ, ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ.ପ୍ରସନ୍ନ କୁମାର ପଣ୍ଡା, ରେଜିଷ୍ଟ୍ରାର୍ ସିଭିଲ ଜଜ ଆଶିଷ କୁମାର ପରିଚ୍ଛା, ଭିଜିଲାନ୍ସ ଅଦାଲତର ପବ୍ଲିକ ପ୍ରସିକ୍ୟୁଟର ଶାନ୍ତନୁ କୁମାର ଦାଶ, ବାରିପଦାର ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ, ସୁଜାତା ମିଶ୍ର, ଚିନ୍ମୟୀ ବେହେରାଙ୍କ ସମେତ ମୟୂରଭଞ୍ଜ ଜିଲା ତଥା ଦୌରା ଅଦାଲତର ସମସ୍ତ କର୍ମଚାରୀ ଏବଂ ଜିଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ସେବା ବିତରଣ ପ୍ରକ୍ରିୟାକୁ ସହଜ, ସରଳ ଦିଗରେ ଗୁରୁତ୍ୱ

**'ଟିପିଏନଓଡିଏଲ୍'ର ସମସ୍ତ ସୁବିଧା ହାତ ପାହାନ୍ତାରେ ଉପଲବ୍ଧ**

ବାଲେଶ୍ୱର, ୩୦।୧୧(ମାନସ ବିଶ୍ୱାଳ)



ଟିପିଏନ୍‌ଓଡ଼ିଏଲ୍ ପକ୍ଷରୁ ଗ୍ରାହକ ସୁବିଧା କାର୍ଯ୍ୟ।

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପି ନର୍ଦ୍ଧନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନଓଡ଼ିଏଲ୍) ପକ୍ଷରୁ ନିଜର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା କ୍ଷେତ୍ରରେ ସର୍ବଦା ଗୁରୁତ୍ୱ ଦିଆଯିବା ସହ ସେବା ବିତରଣ ପ୍ରକ୍ରିୟାକୁ ଅଧିକ ସହଜ ଓ ସରଳ କରିବା ପାଇଁ ବିଶେଷ ଧ୍ୟାନ ଦିଆଯାଉଛି। ମୁଖ୍ୟତଃ ଉପଭୋକ୍ତାମାନଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଓ ସେମାନଙ୍କ ହାତ ପାଆନ୍ତାରେ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଉଥିବା ନେଇ ଟିପିଏନଓଡିଏଲ୍ ସିଇଓ ଭାସ୍କର ସରକାର ସୂଚନା ଦେଇଛନ୍ତି।

ଉପଭୋକ୍ତାମାନଙ୍କ ବିଦ୍ୟୁତ୍ ସେବା ସମ୍ପର୍କିତ ଯେ କୌଣସି ସମସ୍ୟାର ସମାଧାନ ପାଇଁ ୨୪ ଘଣ୍ଟିଆ ଦେୟ ମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦୩୪୫୬୭୧୮/ ୧୯୧୨ ସୁବିଧା କରାଯାଇଛି। ୧୬ଟି ଗ୍ରାହକ ସେବା କେନ୍ଦ୍ର ଓ ୧୩୯ଟି ଅନୁଭବ କେନ୍ଦ୍ର ମଧ୍ୟ ଖୋଲିଛି। ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ଟିପିଏନଓଡିଏଲ୍‌ର ସମସ୍ତ ଡିଭିଜନରେ ଖୋଲିଥିବା ବେଳେ ଅନୁଭବ କେନ୍ଦ୍ରଗୁଡ଼ିକ ଗ୍ରାମାଞ୍ଚଳର ଉପଭୋକ୍ତାମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଖୋଲିଛି। ଏହି କେନ୍ଦ୍ରଗୁଡ଼ିକରେ ଉପଭୋକ୍ତା ବିଦ୍ୟୁତ ସେବା ସମ୍ପର୍କିତ ନିଜର ଦ୍ୱନ୍ଦ୍ୱ ଦୂର କରିବା, ସମସ୍ୟାର ସମାଧାନ କରିବା ସହିତ ବିଲ ପଇଠ ମଧ୍ୟ କରିପାରିବେ। ଗ୍ରାହକ ସେବା କେନ୍ଦ୍ର ଓ ଅନୁଭବ କେନ୍ଦ୍ରଗୁଡ଼ିକ ଛୁଟିଦିନ ବ୍ୟତୀତ ପ୍ରତିଦିନ ସକାଳ ୯ଟା ୩୦ ରୁ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ଖୋଲା ରହୁଥିବା ବେଳେ ସମସ୍ତ ସେକ୍ସନ, ସବ-ଡିଭିଜନ୍ ଓ ଡିଭିଜନ ଅଫିସରେ ମଧ୍ୟ ଉପଭୋକ୍ତା ନିଜର ଅଭିଯୋଗ ଦାଖଲ କରିବାର ସୁଯୋଗ ପାଉଛନ୍ତି। ସେହିପରି ଠିକ୍ ଏବଂ ସ୍ୱଚ୍ଛ ବିଦ୍ୟୁତ୍ ବିଲ୍ ପ୍ରଦାନ କରିବା ଉପରେ ଟିପିଏନଓଡିଏଲ ଗୁରୁତ୍ୱ ଦିଆଯାଉଛି। ଯାହାକି ଉପଭୋକ୍ତାଙ୍କ ବୁଝିବା ପାଇଁ ସହଜ ଓ କୌଣସି ଅସଙ୍ଗତି ଥିଲେ ସଂଶୋଧନ କରିବା ପ୍ରକ୍ରିୟା ମଧ୍ୟ ସହଜ ଅଟେ। ବିଦ୍ୟୁତ ବିଲ୍ ପଇଠ ପ୍ରକ୍ରିୟାକୁ ସହଜ କରିବା ପାଇଁ ଟିପିଏନଓଡିଏଲର ସମସ୍ତ ଡିଜିଟାଲ ପଦ୍ଧତି ଜରିଆରେ ବିଲ୍ ଗ୍ରହଣ କରୁଥିବା ବେଳେ ସ୍ୱାଇସ ମନି କେନ୍ଦ୍ର, ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ, ଏସ୍‌ବିଆଇ କଷ୍ଟମର ଟଚ ପଏଣ୍ଟ ଭଳି ବିଭିନ୍ନ ତୃତୀୟ ପକ୍ଷ ସଂସ୍ଥା ଦ୍ୱାରା ବିଦ୍ୟୁତ ବିଲ୍ ପଇଠ ପାଇଁ ସୁବିଧା ଉପଲବ୍ଧ କରିଛି। ସେହିଭଳି ବିଜୁଳି ସେବା ସମ୍ବନ୍ଧିତ ସମସ୍ତ ସହାୟତା ପାଇଁ 'ମାଇଁ ଟାଟା ପାୱାର ଆପ'କୁ ବ୍ୟବହାର କରିବାକୁ ଟିପିଏନଓଡିଏଲ ପକ୍ଷରୁ ଉପଭୋକ୍ତାମାନଙ୍କୁପରାମର୍ଶଦିଆଯାଇଛି।

# ସ୍କୁଲରେ ଝୁଲିଲା ତାଲା

ବାସୁଦେବପୁର, ୩୦।୧୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତ ଚାରିବାଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଦାବି ନେଇ ଅଭିଭାବକ, ଗ୍ରାମବାସୀମାନେ ଗୁରୁବାର ବିଦ୍ୟାଳୟ ଗେଟରେ ତାଲା ପକାଇଥିଲେ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ମାତ୍ର ୩ ଜଣ ଶିକ୍ଷକଙ୍କୁ ନେଇ ପାଠ ପଢ଼ା ଚାଲୁଛି। ବିଦ୍ୟାଳୟରେ ମୋଟ ୧୭୪ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଆବଶ୍ୟକ ଶିକ୍ଷୟିତ୍ରୀ

**ଶିକ୍ଷକ ପଦବୀ ପୂରଣ ଦାବି**

ଶିକ୍ଷକ ନଥିବାରୁ ଗ୍ରାମବାସୀ, ଅଭିଭାବକ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇଥିଲେ। ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ଦାସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଅପରାହ୍ଣରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତପନ ଦ୍ୱିବେଦୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଭୋଟର ସଚେତନତା କାର୍ଯ୍ୟକ୍ରମ



ବିଦ୍ୟାଳୟ ପରିସରରୁ ବାହାରିଥିବା ଶୋଭାଯାତ୍ରା।

ଖୁଣ୍ଟା,୩୦।୧୧(ଦେବରଞ୍ଜନ ବେହେରା)

ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା ଆନୁକୂଲ୍ୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ନନ୍ଦକିଶୋର ପଟ୍ଟନାୟକ, ନୋଡାଲ ଅଫିସର ଅଜିତ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭୋଟରମାନଙ୍କୁ ସଚେତନ ତଥା ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବା ଏବଂ ସଂଶୋଧନ କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାହିଁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ ବିଦ୍ୟାର୍ଥୀଙ୍କୁ ସୂଚାଇଥିଲେ। ବିଦ୍ୟାଳୟ ପରିସରରୁ ଭୋଟର ସଚେତନତା ବାର୍ତ୍ତା ନେଇ ବାହାରିଥିବା ଏକ ଶୋଭାଯାତ୍ରା ଖୁଣ୍ଟା ବଜାର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୧୨୪ ପ୍ରକଳ୍ପ


ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ।

ଖଇରା, ୩୦।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକସ୍ତରୀୟ ବିଜ୍ଞାନ ମେଳା-୨୦୨୩ ବୁଧବାର ନହଙ୍ଗ ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୧୨୪ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟଅତିଥି ଓ ପ୍ରାକ୍ତନ ଏବିଇଓ ଶ୍ରୀଧର ବେହେରା, ପ୍ରଧାନଶିକ୍ଷକ ନିଶାକର ଜେନା, ସମିତିସଭ୍ୟ ଅଜିତ ଦାସ, ଏସଏମ୍‌ସି ସଭାପତି ଉତ୍ସବ ଦାସ, ଏବିଇଓ ହେମନ୍ତ କୁମାର ମିଶ୍ର ଓ ପାର୍ବତୀ ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ସରପଞ୍ଚ ରବୀନ୍ଦ୍ର ନାୟକ, ପ୍ରାକ୍ତନ ବିଇଓ ଗୋଲକ ବିହାରୀ ପାଢୀ, ବିଆରଟି ମନୋଜ ମହାପାତ୍ର ଏବଂ ଶିକ୍ଷକନେତା ଉଦୟ ନାରାୟଣ ପାତ୍ର, ବିଜୟ କୁମାର ଦ୍ୱିବେଦୀ, ବିଷ୍ଣୁମୋହନ ମିଶ୍ର, ଚିତ୍ତରଞ୍ଜନ ମହାପାତ୍ର, ଜନାର୍ଦ୍ଦନ ସାମଲ, ସନ୍ତୋଷ ଦକ୍ଷିଣରାୟ, ପ୍ରଫୁଲ୍ଲ କୁମାର ଦାସ ଓ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ବିଜ୍ଞାନ ସଂଯୋଜକ ଜୟନ୍ତ କୁମାର ପଣ୍ଡା ଓ ଏବିଇଓ ଗୌରାଙ୍ଗ ମହାପାତ୍ର,ସିଆରସି ସୁଶାନ୍ତ ମହାପାତ୍ର,ସୁଶାନ୍ତ ନାୟକ,ଅଶୋକ ମହାନ୍ତି, ଭାଗିରଥି ନାୟକ ମେଳା ପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ଶେଷରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ବଳାତ୍କାର ଉଦ୍ୟମ: ଦୋଷୀଙ୍କୁ ୩ ବର୍ଷ ଜେଲ

କେନ୍ଦୁଝର,୩୦।୧୧(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ଏକ ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଦୋଷୀ ଅଲେଖ ନାୟକ(୬୦)ଙ୍କୁ ୩ ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୨ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ୨୦୧୭ ଜୁଲାଇ ୩ ତାରିଖରେ ମାନପୁର ଗ୍ରାମର ପୀଡ଼ିତା ଭାଇ ଭଉଣୀଙ୍କ ସହ ଘରେ ଶୋଇଥିଲେ। ଅଭିଯୁକ୍ତ ଘର ଭିତରକୁ ପଶି ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ପୀଡ଼ିତା ପାଟି କରିବାରୁ ସ୍ଥାନ ଛାଡ଼ି ପଳାଇଥିଲେ। ପୀଡ଼ିତାଙ୍କ ବାପା ମାଆ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ଏକ ମାମଲା (ନଂ ୬୫/୨୦୧୭) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ବିଚାରପତି ୧୪ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଉକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କହିଛନ୍ତି।

# ୧୩୮ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ



ବିଧାୟକ ଜଗନ୍ନାଥ ନାଏକ ଓ ଅନ୍ୟମାନେ।

ପାଟଣା,୩୦।୧୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକସ୍ତରୀୟ ବିଜ୍ଞାନ ମେଳା ବୁଧବାର ମୁରୁସୁଆଁ ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବିଜ୍ଞାନ ମେଳାରେ ବ୍ଲକ୍‌ର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ତରଫରୁ ୫ ଟି ବିଭାଗରୁ ୧୩୮ରୁ ଉର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ପର୍ଶୁରାମ ମହନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗଦେଇ କୁନି କୁନି ପିଲାମାନେ ଆସନ୍ତା କାଲିର ବିଜ୍ଞାନୀ ହେବାର ସମ୍ଭାବନା ରହିଛି ବୋଲି କହିଥିଲେ। ଏଥିରେ ମୁଖ୍ୟ ବକ୍ତାଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ଶୁକାନ୍ତି ନାଏକ, ସ୍ଥାନୀୟ ସରପଞ୍ଚ ହରିଶଙ୍କର ଦେହୁରି, ସମିତି ସଭ୍ୟ ସୁଶୀଲ ସାହୁ, ଏବିଓ ସଚିଦାନନ୍ଦ ସେଠୀ, ବିଜୟ ଓଝା, ପ୍ରକାଶ ରାୟ ପ୍ରମୁଖ ଯୋଗଦେଇ ୫ ବିଭାଗର ପ୍ରଥମ ୫ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ୫ ପ୍ରତିଯୋଗୀ ଜିଲାସ୍ତରକୁ ଉନ୍ନୀତ ହୋଇଛନ୍ତି। ଶିକ୍ଷକ ପାର୍ଥ ସାରଥୀ ବେଜ ଓ ସିଆର୍‌ସିସି ସନ୍ତୋଷ ନାଏକ ପରିଚାଳନା କରିଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଧାମନଗର,୩୦।୧୧ (ସନ୍ତୋଷ କୁମାର ମହାପାତ୍ର)



ମଞ୍ଚାସୀନ ଅତିଥିମାନେ।

ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବିକାଶ ବିଭାଗ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବନମାଳୀ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଅନ୍ୟତମ ଅତିଥିଭାବେ ନିବେଦିତା ଜେନା, ମୁଖ୍ୟ ବକ୍ତାଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ ଏବଂ ନୋଡାଲ ଅଫିସର ଏମ୍‌ଡି ଇସ୍ରାଇଲ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଯୁବ ବିକାଶର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ପିଲାମାନଙ୍କ ପାଠପଢ଼ା ସହ ଦକ୍ଷତା ବୃଦ୍ଧି ପାଇଁ କଲେଜର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଆଗାମୀ ଭବିଷ୍ୟତରେ ପିଲାମାନଙ୍କ ଦକ୍ଷତା ବିକାଶ ହେଇପାରିବ ବୋଲି କହିଥିଲେ। ଅଧ୍ୟାପକ ଆଶିଷ ସ୍ୱାଇଁ, ଅଧ୍ୟାପିକା ସ୍ମରଣିକା ପ୍ରଧାନ ଓ ସାଜିଆ ତମକିନ ପ୍ରମୁଖ ପରିଚାଳନା କରିଥିଲେ। କଲେଜର ମୋଟ ୪୫ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଲେଜର ଅଧ୍ୟାପିକା, ଅଧ୍ୟାପକ ଡ.ସମୀର ହୁଇ, ପ୍ରଦୀପ ରାଏ, ସଞ୍ଜୟ ପଣ୍ଡା, ସନ୍ଦୀପ ଘୋଷ, କଲ୍ୟାଣୀ ଦାସ, ସୁଶ୍ରୀ ସଙ୍ଗୀତ ନାୟକ, ବାସ୍ତବିକ ଦାସ, ସଜଲ ମହାନ୍ତି, ଦେବାଶିଷ ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ସଞ୍ଜୟ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଡିସେମ୍ବର ତୃତୀୟ ସପ୍ତାହରେ ଜିଲା କବାଡ଼ି ପ୍ରତିଯୋଗିତା

ବାଲେଶ୍ୱର, ୩୦।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଜିଲା ଉପକନିଷ୍ଠ (୧୬ ବର୍ଷରୁ କମ୍) ଏବଂ କନିଷ୍ଠ (୨୦ ବର୍ଷରୁ କମ୍) ବାଳିକା ଓ ବାଳକ, ସିନିୟର ପୁରୁଷ ଓ ମହିଳା କବାଡ଼ି ପ୍ରତିଯୋଗିତା ଡିସେମ୍ବର ତୃତୀୟ ସପ୍ତାହରେ ଅନୁଷ୍ଠିତ ହେବ। ଆଗ୍ରହୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସଙ୍ଗଠନର ପ୍ରତିଯୋଗୀମାନେ ଡିସେମ୍ବର ୧୦ ସୁଦ୍ଧା ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ (୬୩୭୦୧୦୭୭୩୮) କିମ୍ବା ବିରେନ୍ଦ୍ର ସ୍ୱାଇଁ (୮୧୪୪୬୮୯୪୮୫)ଙ୍କ ସହିତ ଯୋଗାଯୋଗ କରିପାରିବେ। ଚୟନ ଖେଳାଳି ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ବାଲେଶ୍ୱର ଜିଲା ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଧୀପ ଦାସ ଜଣାଇଛନ୍ତି।

# ଆରମ୍ଭ ହେଲା ଆମ ବ୍ୟାଙ୍କ ସେବା

ଭଣ୍ଡାରିପୋଖରୀ,୩୦।୧୧ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକର ୫ ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଉଦଘାଟିତ ହୋଇଯାଇଛି। ମାଳଦାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସୁମତି ସେଠୀ, ସରପଞ୍ଚ ମୀନତି ପରିଡା, ସମିତିସଭ୍ୟା ରିତାଞ୍ଜଳି ସାମଲ, ପ୍ରାକ୍ତନ ସମିତି ସଭ୍ୟ ନୃସିଂହ ଚରଣ ଖିଲାର,ସମବାୟ ସଭାପତି ମୁକୁନ୍ଦ ମଲିକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ପଣ୍ଡା, ଯୁବନେତା ଦେବେନ୍ଦ୍ର ଦାଶ, ମୋହନ ରାୟ, ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡା, ଚନ୍ଦ୍ର ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବୟାବନାପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ମିନତୀ ସାହୁ ଉପସ୍ଥିତ ଥିଲେ। ରହଣିଆଠାରେ ଜିପିଓ ମୀନକେତନ ବାରିକ, ଫିରଦୋଷ ଆଲାମ, ସାମାଜିକ କର୍ମୀ ବୀରେନ୍ଦ୍ର ନାୟକ, ପର୍ଶୁରାମ ମାଝୀ, ସରୋଜ କୁମାର ରାଉତରାୟ ଉପସ୍ଥିତ ରହିଥିଲେ। ସେହିଭଳି କୁରିଗାଁ ପଞ୍ଚାୟତଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାସ, ସରପଞ୍ଚ ସାଧନାଞ୍ଜଳି ମହାପାତ୍ର ଯୋଗ ଦେଇଥିଲେ। ରାଜେନ୍ଦ୍ରପୁର ପଞ୍ଚାୟତରେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ପର୍ଶୁରାମ ଦୀକ୍ଷିତ, ଗୋବିନ୍ଦ ବେହେରା ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି ମହିଳାଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ଉପସ୍ଥିତ ଥିଲେ। ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ଭର୍ଚ୍ଚୁଆଲ ମାଧ୍ୟମରେ ବ୍ୟାଙ୍କ ସେବାକୁ ଉଦ୍‌ଘାଟନ କରିଥିଲେ।

# ଖଣିଜ ସମ୍ପଦର ସୁରକ୍ଷା, ସଦୁପଯୋଗ ଜରୁରୀ

ଯୋଡ଼ା,୩୦।୧୧(ମାନସ ମହାନ୍ତି)


ଅତିଥିମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଟାଟା ଷ୍ଟିଲ ଦ୍ୱାରା ପରିଚାଳିତ ଯୋଡ଼ା ଇଷ୍ଟ ଲୌହ ଖଣି ପକ୍ଷରୁ ଗୁରୁବାର ୨୫ ତମ 'ଖଣି ପରିବେଶ ଏବଂ ଖଣିଜ ସମ୍ପଦ ସୁରକ୍ଷା ସପ୍ତାହ' ପାଳିତ ହୋଇଯାଇଛି। ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ)ର ଭୁବନେଶ୍ୱର ଆଞ୍ଚଳିକ ଶାଖା ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଖଣି ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ସଭାରେ ବାଫଲିମାଳି ବକ୍ସାଇଟ ମାଇନ (ଉତ୍କଳ ଆଲୁମିନା) ଜେନେରାଲ ମ୍ୟାନେଜର କ୍ରିଷ୍ଣା ଜ୍ୟୋତିଷୀ, କଳମଙ୍ଗ ଲୌହ ଓ ମାଙ୍ଗାନିଜ ଖଣି (ୟାଜଦାନୀ ଷ୍ଟିଲ) ଜେନେରାଲ ମ୍ୟାନେଜର ଦାଶରଥି ବେହେରା, କଲରଙ୍ଗିଆତା କ୍ରୋମାଇଟ ମାଇନ (ଫେକର)ମ୍ୟାନେଜର ଶାଶ୍ୱତ ନନ୍ଦ, ଟାଟା ଷ୍ଟିଲ ପ୍ରୋସେସିଂ ଏବଂ ଲଜିଷ୍ଟିକସ ଚିଫ୍ ନାରାୟଣ ଶର୍ମା, ଟାଟା ଷ୍ଟିଲ ଯୋଡ଼ା ଇଷ୍ଟ ଖଣି ହେଡ୍ ବ୍ରଜ ବିନୋଦ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଆବାହକ ଭାବରେ ନିଜ ସମ୍ଭାଷଣରେ କ୍ରିଷ୍ଣା ଜ୍ୟୋତିଷୀ ଉପସ୍ଥିତ ଶ୍ରୋତାମାନଙ୍କୁ ଖଣି ଓ ଖଣିଜ ସମ୍ପଦର ସୁରକ୍ଷା ସହ ଏହାର ସଦୁପଯୋଗ ଜରୁରୀ ବୋଲି କହିଥିଲେ। ଯାନ୍ତ୍ରିକ ସହଯୋଗ ପ୍ରଦାନକାରୀ ସଂସ୍ଥା ଏବଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ପରିବେଶ ଓ ଖଣି ସୁରକ୍ଷା ସମ୍ପର୍କିତ ମଡେଲ ପରିଦର୍ଶନ କରି ଦାଶରଥି ବେହେରା ଓ ଶାଶ୍ୱତ ନନ୍ଦ, ଖଣିଜ ସମ୍ପଦ କ୍ଷୟଶିଳ ହୋଇଥିବାରୁ ଏହାର ନୂତନ ଉତ୍ସର ଆବିଷ୍କାର ସହ ଠିକ ବିନିଯୋଗ ଏବଂ ପୁନରୁଦ୍ଧାର ପାଇଁ ଯୁବଗୋଷ୍ଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିଥିମାନେ ଯୋଡ଼ା ଇଷ୍ଟ ଲୌହ ଖଣିର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଟାଟା ଷ୍ଟିଲ ଦ୍ୱାରା ପରିବେଶ ଓ ଖଣି ସୁରକ୍ଷା ଉପରେ ନିଆଯାଇଥିବା ପଦକ୍ଷେପ ସବୁ ବୁଲି ଦେଖିଥିଲେ।

